Downloaded From :http://cbseportal.com/

SET-4

**Series HRK**

**Code No. 14**

Candidates must write the Code on the title page of the answer-book.

Roll No.

- Please check that this question paper contains **8** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **13** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

## SUMMATIVE ASSESSMENT – II

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 90*

*Time allowed : 3 hours* | *Maximum Marks : 90*

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 15

(ଘ) ସାହିତ୍ୟ – Literature – 50

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

## 'କ' ବିଭାଗ

1. ନିମ୍ନ ଅନୁଚ୍ଛେଦଟି ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । $2\times5=10$

ମଣିଷର ବ୍ୟବହାର ହିଁ ତା'ର ପ୍ରକୃତ ପରିଚୟ ଜଣାଇଥାଏ । ମାର୍ଜିତ ବ୍ୟବହାରସଂପନ୍ନ ବ୍ୟକ୍ତି ସବୁ କ୍ଷେତ୍ରରେ ଆଦୃତ ଓ ସମ୍ମାନିତ ହୋଇଥାଏ । ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମଣିଷର ମନକୁ ନିୟନ୍ତ୍ରିତ କରି ବ୍ୟବହାରକୁ ଶୃଙ୍ଖଳିତ କରାଇବା । ବିଦ୍ୱାନ ବ୍ୟକ୍ତିଗଣ, ସର୍ବଦା ଶୁଦ୍ଧ ଓ ଗ୍ରହଣୀୟ ବ୍ୟବହାରକୁ ଗୁରୁତ୍ୱ ଦେଇଥା'ନ୍ତି । ଯାହା ତୁମ ନିଜକୁ ପସନ୍ଦ ନୁହେଁ, ତାହା ଅନ୍ୟକୁ ପ୍ରଦର୍ଶନ କରିବ କିପରି ? ବ୍ୟବହାରରୁ ଜନ୍ମନିଏ ଶିଷ୍ଟାଚାର ଓ ତାହା ବିଶାଳ ରୂପରେ ସଭ୍ୟତାର ନିଦର୍ଶନ ପାଲଟିଯାଏ । ବିଖ୍ୟାତ ଲେଖକ ପ୍ରେମଚାନ୍ଦ ଏକଦା କହିଥିଲେ — ଯାହାକୁ ବ୍ୟବହାର ଜଣାନାହିଁ, ତା'କୁ ମଣିଷ ରୂପରେ ଗଣ୍ୟ କରାଯାଇପାରିବ ନାହିଁ । ବ୍ୟବହାର ସଂପର୍କରେ ପରାଜିତ ରାଜା ପୁରୁଯେଉଁ ଉତ୍ତର ବିଜୟୀ ରାଜା ଆଲେକ୍ ଜାଣ୍ଡାରଙ୍କୁ ଦେଇଥିଲେ । ତାହା ଉଭୟଇତିହାସ ଓ କିମ୍ବଦନ୍ତୀ ପାଲଟିଗଲା । ସ୍ୱାଭିମାନୀ ବ୍ୟକ୍ତିମାନେ ଉଚିତ ବ୍ୟବହାରକୁ ମୂଳଧନ ବା ପୁଞ୍ଜିକରି ସମାଜରେ ସମାଦୃତ ହୋଇଥା'ନ୍ତି । ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ବ୍ୟବହାର ବା ଆଚରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର, ପରିତାପର ବିଷୟ ଆଜିକାଲି ଶିକ୍ଷିତ ସଂପ୍ରଦାୟ ଅନେକ ସ୍ଥଳରେ ଏହାର ମହତ୍ତ୍ୱ ପ୍ରତିପାଦନ କରିବାରେ ବିଫଳ ହେଉଛନ୍ତି । ବ୍ୟବହାର ଭୁଲିଯାଇ ଉଦ୍ଧତ ବା ଅଶିଷ୍ଟ ପରି ଆଚରଣ ଦେଖାଉଛନ୍ତି । ଏପରି ସ୍ଥଳେ, ସେମାନଙ୍କୁ ପ୍ରକୃତ ଅର୍ଥରେ ଶିକ୍ଷିତ ବୋଲି ଆମେ କେମିତି କହିପାରିବା ? ବାସ୍ତବରେ ସେମାନେ ଶିକ୍ଷିତ ନୁହନ୍ତି । ସାକ୍ଷର ମାତ୍ର ।

(କ) କେଉଁ ବ୍ୟକ୍ତି ସବୁକ୍ଷେତ୍ରରେ ସମ୍ମାନିତ ହୋଇଥାଏ ?

(ଖ) ଶିକ୍ଷାର ମୂଳ ଉଦ୍ଦେଶ୍ୟଟି କ'ଣ ?

(ଗ) ମଣିଷର ବ୍ୟବହାର ସଂପର୍କରେ ପ୍ରେମଚାନ୍ଦ କ'ଣ କହିଥିଲେ ?

(ଘ) ଗୁରୁକୁଳ ବ୍ୟବସ୍ଥାର ବିଶେଷତ୍ୱ କେଉଁଠାରେ ନିହିତ ଥିଲା ?

(ଙ) କେଉଁମାନଙ୍କୁ ଶିକ୍ଷିତ କୁହାଯାଇପାରିବ ନାହିଁ ?


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

## ‘ଖ’ ବିଭାଗ

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚ଼ନା ଲେଖ । *10*

(କ) ଗଣମାଧ୍ୟମର ପ୍ରଭାବ

(ଖ) ଆଦର୍ଶ ନାଗରିକ ଜୀବନ

(ଗ) ଆତଙ୍କବାଦ ସମସ୍ୟା

**3.** ‘ନାରୀଜାତିକୁ ସମ୍ମାନ ପ୍ରଦାନ’ ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । *5*

**କିମ୍ବା**

‘ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ’ କ୍ଷେତ୍ରରେ ତୁମ ବିଦ୍ୟାଳୟରେ ଗ୍ରହଣ କରାଯାଇଥିବା ପଦକ୍ଷେପର ବିବରଣୀ ପ୍ରସ୍ତୁତ କରି ତା’ର ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ ‘କ’ ବା ‘ଖ’ ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## ‘ଗ’ ବିଭାଗ

**4.** (କ) ନିମ୍ନରେ ଦିଆଯାଇଥିବା ଇଂରାଜୀ ଅନୁଚ୍ଛେଦକୁ ଓଡ଼ିଆରେ ଅନୁବାଦ କର । *5*

People of different religions live in India. There is unity among different communities. Secularism has been mentioned in the Indian Constitution. We should not quarrel among ourselves in the name of religion. Gandhiji, the pioneer of Indian Freedom Movement, was a secular statesman. We should follow his ideals.

(ଖ) ଲକ୍ଷଣ ସହ ଯେ କୌଣସି ***ଗୋଟିଏ*** ଛନ୍ଦର ଉଦାହରଣ ଦିଅ । *5*

ବଙ୍ଗଳାଶ୍ରୀ, ରାମକେରୀ


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

(ଗ) ବାକ୍ୟରୂପାନ୍ତର କର । (ଯେ କୌଣସି 5 ଟିର) 5

(i) ନିଷ୍ଠାପର ଉଦ୍ୟମ କଲେ ସୁଫଳ ମିଳିବ । (ନାସ୍ତିସୂଚକ)

(ii) ଗୁଣୀଲୋକଙ୍କୁ କେହି ଅସମ୍ମାନ କରନ୍ତି ନାହିଁ । (ବିବୃତିସୂଚକ)

(iii) ପ୍ରକୃତିର ଶୋଭା ମନୋରମ । (ବିସ୍ମୟସୂଚକ)

(iv) ନେତାଜୀଙ୍କ ତ୍ୟାଗ ଓ ଦେଶପ୍ରେମ ଅତୁଳନୀୟ । (ପ୍ରଶ୍ନସୂଚକ)

(v) ତମେ ବାଧ୍ୟ କଲେବି ମୁଁ ମିଛ କହିପାରିବି ନାହିଁ । (ବିବୃତିସୂଚକ)

(vi) ତମ କରାମତି ମୋତେ ଜଣା ଅଛି । (ନାସ୍ତିସୂଚକ)

(vii) ବିସମିଲ୍ଲା ଖାନ୍‌ଙ୍କର ସାହାନାଇ ବାଦନ ଅପୂର୍ବ । (ବିସ୍ମୟସୂଚକ)

## 'ଘ' ବିଭାଗ

**5.** ମାତୃଭାଷା ପ୍ରତି ଉଦାସୀନତାର ଦୂରୀକରଣ କିପରି କରାଯାଇ-ପାରିବ ଲେଖ । 8

**କିମ୍ବା**

କେଉଁ କେଉଁ ଘଟଣାବଳୀ ବିବେକାନନ୍ଦଙ୍କୁ ଗୃହତ୍ୟାଗୀ ସନ୍ନ୍ୟାସୀ ପରିବର୍ତ୍ତେ ସମାଜ ସଂସ୍କାରକ ହେବାରେ ସହାୟକ ହୋଇଥିଲା, ଆଲୋଚ଼ନା କର ।

**6.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ***ଗୋଟିକର***) 5

(କ) ବାସ୍ତବରେ ଲୋକଙ୍କ ହାତକୁ କ୍ଷମତାଦେଇ ତା'ଙ୍କ ନିଜ ଭାଷାରେ ଶାସନ କାର୍ଯ୍ୟ ଚଳାଇବା ପାଇଁ ସୁଯୋଗ ନ ଦେଲେ ସେ କ୍ଷମତାର କିଛି ଅର୍ଥ ନାହିଁ ।

(ଖ) ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

**7.** ସଂକ୍ଷେପରେ ଉତ୍ତର ଲେଖ । (*3* ଟିର) *2×3=6*

(କ) ଦେଶଭକ୍ତ ବୋଲି କାହାକୁ କୁହାଯାଇପାରିବ ନାହିଁ ?

(ଖ) କେଉଁମାନଙ୍କୁ 'ରିଙ୍ଗ୍‌ଲିଡର୍' କୁହାଯାଇଥିଲା ?

(ଗ) ସ୍ୱାମୀ ରାମକୃଷ୍ଣାନନ୍ଦ ମଠ ଛାଡ଼ି ବାହାରକୁ ଯାଇ ନ ଥିଲେ କାହିଁକି ?

(ଘ) ଓଡ଼ିଆ ସାହିତ୍ୟର ଇତିହାସ — କେଉଁ କେଉଁ ସାହିତ୍ୟ ଗବେଷକ ଲେଖିଅଛନ୍ତି ?

(ଙ) ସୂର୍ଯ୍ୟାସ୍ତ ନିଲାମ୍ ଆଇନ୍ ଦ୍ୱାରା ଓଡ଼ିଆ ଜନତା କିପରି କ୍ଷତିଗ୍ରସ୍ତ ହେଲେ ?

**8.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତର ବାଛି ଲେଖ । *1×4=4*

(କ) ପୋଲାଣ୍ଡବାସୀଙ୍କ ମାତୃଭାଷାର ନାମ କ'ଣ ?

(i) ପୋଲାଣ୍ଡିସ୍

(ii) ପୁଲିସ୍

(iii) ପୋଲିସ୍

(iv) ଇଂରାଜୀ

(ଖ) ଆଞ୍ଚଳିକ ଭାଷା ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁହେଲେ କାହାର ଆଧିପତ୍ୟକୁ କମାଇବାକୁହେବ ?

(i) ନୀତିନିୟମ

(ii) ଇଂରାଜୀ ଭାଷା

(iii) ମାତୃଭାଷା ପ୍ରୀତି

(iv) ଶାସନବ୍ୟବସ୍ଥା


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

(ଗ) ରାଜପୁତନାର ବାଈଜୀ ବିବେକାନନ୍ଦଙ୍କୁ କେଉଁଶିକ୍ଷା ଦେଇଥିଲେ ?

(i) ଦେଶପ୍ରେମ

(ii) ସଂଗୀତଶାସ୍ତ୍ର

(iii) ଅତିଥିସତ୍କାର

(iv) ସମଦର୍ଶିତା

(ଘ) 'ନବଯୁଗ ସାହିତ୍ୟ ସଂପଦ'ର ପ୍ରତିଷ୍ଠାତା କିଏ ?

(i) କାଳିନ୍ଦୀଚରଣ ପାଣିଗ୍ରାହୀ

(ii) ଭଗବତୀଚରଣ ପାଣିଗ୍ରାହୀ

(iii) ଅନ୍ନଦାଶଙ୍କର ରାୟ

(iv) ରାମଶଙ୍କର ରାୟ

**9.** 'ଜାଗ ବଦନହରା' କବିତାରେ ବନ୍ଧନରାଜିକୁ ଛିନ୍ନକରିବା ପାଇଁ କବି ଦେଇଥିବା ଆହ୍ୱାନର ଆଲୋଚନା କର । *7*

**କିମ୍ବା**

ମାଟି 'ସର୍ବଂସହା' — ଏହାର ଯଥାର୍ଥତା ପ୍ରତିପାଦନ କର ।

**10.** ସପ୍ରସଙ୍ଗ ସରଳାର୍ଥ ଲେଖ । (*ଗୋଟିଏ*) *5*

(କ) ଦେବା ପାଇଁ ନବଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନ !

(ଖ) ଭିନ୍ନ କରି ସେ ତନ୍ଦ୍ରାପରଶ
ହସାଅ ଭୁବନ ସାରା ।


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

**11.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *2×3=6*

(କ) ଉଷା ଉପହାର ସ୍ୱରୂପ କ'ଣ ଆଣିଛନ୍ତି ?

(ଖ) ସୀତାଙ୍କ ହୃଦୟ ଶୋକଜର୍ଜରିତ ହେବାର କାରଣ କ'ଣ ?

(ଗ) ତିମିର କାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

(ଘ) ମାଟିର ମହାଯଶ ଘୋଷିବାକୁ କବି କାହାଠାରୁ ଆଦେଶ ପାଇଛନ୍ତି ?

(ଙ) ମାଟିର ମା' ଆମ ଦୋଷକୁ କାହିଁକି କ୍ଷମା କରିଛି ?

**12.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *1×4 =4*

(କ) କବି ଭାଷାଙ୍କୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ?

(i) ଅନୁକମ୍ପା

(ii) ଯୋଗେଶ୍ୱରୀ

(iii) ବୈଦେହୀ

(iv) ତମସା

(ଖ) 'ମଙ୍ଗଳ ଅଇଲା ଉଷା' କେଉଁ କାବ୍ୟରୁ ସଂଗୃହୀତ ?

(i) ଉତ୍କଳଲକ୍ଷ୍ମୀ

(ii) ଇନ୍ଦୁମତୀ

(iii) ତପସ୍ୱିନୀ

(iv) ପ୍ରଣୟବଲ୍ଲରୀ

(ଗ) କ'ଣ ଲୁପ୍ତ ହେଉ ବୋଲି କବି କାମନା କରିଛନ୍ତି ?

(i) ଭୋକଜ୍ୱାଳା

(ii) ଜାତି ଉପଜାତି

(iii) ଅତୀତସ୍ମୃତି

(iv) ଆଳସ୍ୟ


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

(ଘ) କ'ଣ ଖୋଜିଦେବା ପାଇଁ କବି ମାଟି ମା'ଙ୍କୁନିବେଦନ କରିଛନ୍ତି ?

(i) ଧନସଂପତ୍ତି

(ii) ଅତୀତରସ୍ମୃତି

(iii) ହଜିଲାଦିନ

(iv) ଚେତନାର ଛାବିକାଠି

**13.** ସଂକ୍ଷେପରେ ଉତ୍ତର ଲେଖ । (*ଗୋଟିଏକର*) *5*

(କ) ରାଜନୀତିରେ ବ୍ରହ୍ମାସ୍ତ୍ର ହେଉଛି ଷଡ଼ଯନ୍ତ୍ର — ଏ କଥା କୁହାଯାଇଛି କାହିଁକି ?

(ଖ) ମଣିଷ ଜାତିଟା ଅକୃତଜ୍ଞ ବୋଲି ନଟବର ଏ ସଂପର୍କରେ କ'ଣ ଭାବିଛନ୍ତି ?

(ଗ) ଧରମାର ବଳିଦାନ କିପରି ସମଗ୍ର ଜାତିକୁ ଉଦବୁଦ୍ଧ କରିଆସିଛି, ପଠିତ ଏକାଙ୍କିକା ଅବଲମ୍ବନରେ ସାବ୍ୟସ୍ତ କର ।


Downloaded From :http://cbseportal.com/ Courtesy : CBSE